## କରୋନା ଭୂତାଣୁ ସଂକ୍ରମଣକୁ ନିୟନ୍ତ୍ରଣ ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାର ଅନୁପାଳନକୁ ନେଇ ଜିଲ୍ଲା ପ୍ରଶାସନ ଜାରିକଲା ବିଜ୍ଞପ୍ତି ।

(ସପ୍ତାହନ୍ତ ସଟଡ଼ାଉନ ଓ ରାତ୍ରୀ କାଳୀନ କର୍ଫ୍ୟୁ ଉଠିଲା)

ନଂ : 403 /Res. ତା.31.08.2020/

କରୋନା ଭୂତାଣୁ ସଂକ୍ରମଣ ଦିନକୁ ଦିନ ବ୍ୟାପୁଥିବାରୁ ଏହାକୁ ପ୍ରତିହତ କରିବା ନିମନ୍ତେ, ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ତରଫରୁ ତା31.08.2020ରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାର ଅନୁପାଳନକୁ ନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ମନୋଜ କୁମାର ମହାନ୍ତି ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଚଳିତ ସେପ୍ଟେମ୍ବର ମାସ 01 ତାରିଖରୁ 30 ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନକୁ ଛାଡ଼ି ଅନ୍ୟ ସମସ୍ତ ଅଞ୍ଚଳ ନିମନ୍ତେ କ୍ରିୟାକଳାପକୁ ପୂନଃ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲାପାଳଙ୍କ ବିନା ଅନୁମତିରେ କୌଣସି ସ୍ଥାନୀୟ ଅଧିକାରୀ / ଲୋକ ପ୍ରତିନିଧି ଜିଲ୍ଲାର କୌଣସି ସ୍ଥାନରେ ସଟ୍-ଡ଼ାଉନ୍ କିମ୍ବା ଲକ୍-ଡ଼ାଉନ କରିପାରିବେ ନାହିଁ ।

ପୂର୍ବ ନିର୍ଦ୍ଦେଶନାମା ଭଳି ସମସ୍ତ ସିନେମା ହଲ୍, ସୁଇମିଂ ପୁଲ୍, ଆମୋଦ ପ୍ରମୋଦ ପାର୍କ, ଥିଏଟର, ବାର୍, ପ୍ରେକ୍ଷାଳୟ, ସମାଗମ ପ୍ରକୋଷ୍ଠ ଆଦି ବନ୍ଦ ରହିବ । ଏହା ଛଡ଼ା, ସମସ୍ତ ସାମାଜିକ, ରାଜନୈତିକ, କ୍ରୀଡ଼ା, ମନୋରଞ୍ଜନ, ପାଠ୍ୟ ସମ୍ବନ୍ଧୀୟ, ସାଂସ୍କୃତିକ, ଧାର୍ମିକ ସମାବେଶ ସମେତ ଯେକୌଣସି ଜନସମାଗମ କାର୍ଯ୍ୟକ୍ରମ ବନ୍ଦ ରହିବ । କିନ୍ତୁ, ଖୋଲା ମଞ୍ଚ ଭଳି ସ୍ଥାନ ଗୁଡ଼ିକରେ 21 ସେପ୍ଟେମ୍ବର ଠାରୁ ସରକାରଙ୍କର ଏସ୍.ଓ.ପି. ଅନୁଯାୟୀ କାର୍ଯ୍ୟକ୍ରମ ଆରମ୍ଭ ହୋଇପାରିବ । ସମସ୍ତ ସ୍କୁଲ୍, କଲେଜ୍, ଆଙ୍ଗନୱାଡ଼ି, ପ୍ରଶିକ୍ଷଣ ଓ କୋଚିଙ୍ଗ ସେଣ୍ଟର୍ ଆଗାମୀ ଅକ୍ଟୋବର ମାସ ପୂଜା ଛୁଟି ପର୍ଯ୍ୟନ୍ତ ବନ୍ଦ ରହିବ । କିନ୍ତୁ ପରୀକ୍ଷା ପରିଚାଳନା, ଖାତା ଦେଖା ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ଚାଲୁ ରହିବ । ସମସ୍ତ ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ର ଗୁଡ଼ିକ ଅନଲାଇନ୍ ମାଧ୍ୟମରେ ଶିକ୍ଷା ଦେବା ସହିତ ଜାତୀୟ ଦକ୍ଷତା ତାଲିମ କେନ୍ଦ୍ର, ଶିଳ୍ପ ତାଲିମ ଅନୁଷ୍ଠାନ (ଆଇ.ଟି.ଆଇ.) ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦକ୍ଷତା ଓ ଉଦ୍ୟୋଗ ତାଲିମ ଅନୁଷ୍ଠାନ ଗୁଡ଼ିକ 21 ସେପ୍ଟେମ୍ବର ଠାରୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିପାରିବେ । ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ଅନୁମତି କ୍ରମେ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ 50% ଶିକ୍ଷକ ଓ

ଅଣ ଶିକ୍ଷକଙ୍କୁ ନେଇ ଅନ୍-ଲାଇନ୍ ଶିକ୍ଷାଦାନ ଓ ଦୂରୋପଦେଶ କାର୍ଯ୍ୟକ୍ରମ କରିପାରିବେ । ସମସ୍ତ ଧାର୍ମିକ ପୂଜା ସ୍ଥଳୀ ବନ୍ଦ ରହିବ । କେବଳ ପୂଜକଙ୍କ ଦ୍ୱାରା ବିଧିକାର୍ଯ୍ୟ କରାଯାଇପାରିବ ।

ଜିଲ୍ଲା ଭିତରେ ଏବଂ ରାଜ୍ୟ ମଧ୍ୟରେ ବସ ସହିତ ସବୁ ଗାଡ଼ି ଯଥା ଟାକ୍ସି, ଅଟୋରିକ୍ସା, କାର ଓ ଦୁଇ ଚକିଆ ଯାନ ଇତ୍ୟାଦି ଚଳାଚଳ କରିପାରିବ । ଆନ୍ତରାଜ୍ୟ ଓ ଅନ୍ତଃରାଜ୍ୟ ବସ୍ ସେବା ସେପ୍ଟେମ୍ବର 01 ଠାରୁ ଅନୁମୋଦିତ ଅଟେ । ରାଜ୍ୟ ବାହାରେ ଓ ରାଜ୍ୟ ମଧ୍ୟରେ ସମସ୍ତ ମାଲ୍ ଏବଂ ଯାତ୍ରୀ ବିନା ଅବରୋଧରେ ଚଳ ପ୍ରଚଳ କରିପାରିବେ । **ଏଥିପାଇଁ କୌଣସି ଅନୁମତି, ସ୍ୱିକୃତି ଓ ଇ-ପାସ୍ ର ଆବଶ୍ୟକତା ନାହିଁ ।**

ପ୍ରତ୍ୟେକ ଲୋକ ସେମାନଙ୍କ ମଧ୍ୟରେ ଅତି କମରେ 6 ଫୁଟ ସାମାଜିକ ଦୂରତା ବଜାୟ ରଖିବେ । ବ୍ୟବସାୟୀକ ପ୍ରତିଷ୍ଠାନରେ ସାମାଜିକ ଦୂରତାର ଉଲ୍ଲଙ୍ଘନ ପାଇଁ ପ୍ରତିଷ୍ଠାନର ମାଲିକ ଦାୟୀ ରହିବେ । ଏହାର ଉଲ୍ଲଙ୍ଘନ ହେଲେ 10,000 ଟଙ୍କା ଜୋରିମନା ସହ ସମ୍ପୃକ୍ତ ବ୍ୟବସାୟୀକ ପ୍ରତିଷ୍ଠାନକୁ 1 ସପ୍ତାହ ଲାଗି ସିଲ୍ କରିଦିଆଯିବ । ପୂନର୍ବାର ଏହାର ଉଲ୍ଲଙ୍ଘନ ହେଲେ 10,000 ଟଙ୍କା ଜୋରିମନା ସହ 1 ମାସ ପାଇଁ ପ୍ରତିଷ୍ଠାନକୁ ସିଲ୍ କରିଦିଆଯିବ । ସମସ୍ତ ସେଲୁନ୍, ସ୍ପା ଓ ବିୟୁଟି ପାର୍ଲର ଗୁଡ଼ିକ ସମସ୍ତ ପ୍ରକାରର ସୁରକ୍ଷା ଓ ସତର୍କତା ଆବଲମ୍ବନ ସହିତ ପ୍ରତି ଗ୍ରାହାକଙ୍କ ସେବା ପରେ ଓ ପୂର୍ବରୁ ସମସ୍ତ ବ୍ୟବହୃତ ଉପକରଣ ଗୁଡ଼ିକୁ ଜିବାଣୁମୁକ୍ତ ଓ ବିଶୋଧନ କରିବେ । ପୂର୍ବ ନିୟମାବଳୀ ଅନୁଯାୟୀ, ବିବାହ କାର୍ଯ୍ୟରେ ସର୍ବାଧିକ 50 ଜଣ ଓ ଅନ୍ତ୍ୟେଷ୍ଟି କ୍ରିୟାରେ 20 ଜଣଙ୍କୁ ନେଇ ସାମାଜିକ ଦୂରତା ବଜାୟ ରଖିବା ସହ କାର୍ଯ୍ୟବିଧି ସମ୍ପନ୍ନ କରାଯିବ । ଦୋକାନ, ବଜାର ଓ କୌଣସି ସର୍ବସାଧାରଣ ସ୍ଥାନରେ କେହି ଛାପ/ଥୁକ ପକାଇବା ଦଣ୍ଡନୀୟ ଅପରାଧ ଅଟେ । କେହି ଛାପ/ଥୁକ ପକାଇଲେ କିମ୍ବା ମାସ୍କ ନପିନ୍ଧି ପଦାକୁ ବାହାରିଲେ ପ୍ରଥମ ଥର ପାଇଁ ଜୋରିମନା 1000 ଟଙ୍କା ଓ ପରବର୍ତ୍ତି ପ୍ରତ୍ୟେକ ଥର ପାଇଁ ଏହା 5000 ଟଙ୍କାକୁ ବୃଦ୍ଧି କରାଯାଇଛି। ସର୍ବସାଧାରଣ ସ୍ଥାନରେ ମଦ୍ୟ, ପାନ, ଗୁଟଖା ଓ ତମାଖୁ ସେବନ କରିବା ଦଣ୍ଡନୀୟ ଅଟେ ।

କୋଭିଡ଼ ହସ୍ପିଟାଲ୍ ଓ କୋଭିଡ଼ କେୟାର ସେଣ୍ଟର ଚତୁଃପାର୍ଶ୍ୱରେ କଣ୍ଟେନମେଣ୍ଟ ଜୋନ୍ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ କଟକଣା ବଳବତ୍ତର ରହିବ । ସମସ୍ତ ବୃହତ ବ୍ୟବସାୟୀକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ଥର୍ମାଲ ସ୍କାନର, ହାଣ୍ଡୱାସ୍ ଓ ସାନିଟାଇଜର୍ ବ୍ୟବସ୍ଥା ବାଧ୍ୟତା ମୂଳକ ଅଟେ। ସମସ୍ତ କାର୍ଯ୍ୟସ୍ଥଳୀ, ସାଧାରଣ ସୁବିଧା ଥିବା ସ୍ଥାନ ଏବଂ ବ୍ୟକ୍ତି ସଂସ୍ପର୍ଶରେ ଆସୁଥିବା ବଭିନ୍ନ ଉପକରଣର ସାନିଟାଇଜେସନ୍ ବାଧ୍ୟତାମୂଳକ ଅଟେ ।

65 ବର୍ଷରୁ ଉର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ, ବହୁ ରୋଗରେ ପୀଡ଼ିତ ବ୍ୟକ୍ତି, ଗର୍ଭବତୀ ମହିଳା ଓ ଦଶ ବର୍ଷରୁ କମ୍ ବୟସର ଶିଶୁ ମାନେ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି ।

ଆଣ୍ଡ୍ରଏଡ ମୋବାଇଲ ଥିବା ସମସ୍ତ ବ୍ୟକ୍ତିମାନେ ଆରୋଗ୍ୟ ସେତୁ ଆପ୍ଲିକେସନ୍ ଡାଉନଲୋଡ୍ କରି ଏହାର ବ୍ୟବହାର କରିବାକୁ ପରାମର୍ଶ ଦିଆ ଯାଇଛି । ଜିଲ୍ଲାରେ ଥିବା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ମାନେ ଆରୋଗ୍ୟ ସେତୁ ଆପ୍ଲିକେସନ୍ ଡାଉନଲୋଡ୍ କରି ଏହାର ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଉଛି ।

**ସେପ୍ଟେମ୍ବର ମାସର ସମସ୍ତ ଶନିବାର ଦିନ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ବନ୍ଦ ରହିବ।**

ବ୍ୟବସାୟୀକ ପ୍ରତିଷ୍ଠାନ ସମେତ ଅନ୍ୟାନ୍ୟ ସମସ୍ତ ଅନୁମୋଦିତ କାର୍ଯ୍ୟକ୍ରମ ମାନଙ୍କରେ ସାମାଜିକ ଦୂରତା ଅବଲମ୍ବନ ସହିତ ମାସ୍କ ପିନ୍ଧିବା ବାଧ୍ୟତା ମୂଳକ ଅଟେ, ଏଥିରେ ବ୍ୟତିକ୍ରମ ହେଲେ ସଂପୃକ୍ତ ବ୍ୟବସାୟୀକ ପ୍ରତିଷ୍ଠାନ/କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯିବ । ଉପରୋକ୍ତ ନିୟମାବଳୀ ଓ ଜାତୀୟ ନିର୍ଦ୍ଦେଶନାମାର ଉଲ୍ଲଘଂନ ପରିଦୃଷ୍ଟ ହେଲେ ବିପର୍ଯ୍ୟୟ ପରିଚାଳନା ଆଇନ 2005 ଧାରା 51 ରୁ 60, ସଂକ୍ରାମକ ରୋଗ ଆଇନ୍, 1897 ଓ ଭାରତୀୟ ପିଙ୍ଗଳ କୋଡ୍ ଧାରା 188 ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲାରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ କୋଭିଡ୍-19 ପରିଚାଳନାକୁ ତ୍ୱରାନ୍ୱିତ କରୁଛନ୍ତି । ଜନ ସାଧାରଣ ଆତଙ୍କିତ ନହୋଇ ମାସ୍କ ପିନ୍ଧିବା ଓ ହାଣ୍ଡ ସାନିଟାଇଜର୍ ବ୍ୟବହାର କରିବା ସହ ସାମାଜିକ ଦୂରତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି । ବିଶେଷ କାମ ନଥିଲେ ଘରୁ ବାରମ୍ବାର ବହାରନ୍ତୁ ନାହିଁ କିମ୍ବା କୌଣସି ସ୍ଥାନରେ ଭିଡ଼ ଜମାନ୍ତୁ ନାହିଁ । ନିଜେ ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷିତ ରଖିବାରେ ସହଯୋଗ କରିବାକୁ ଅନୁରୋଧ ।

ଜିଲ୍ଲାପାଳ, ଅନୁଗୋଳ